# Official Spokesperson's response to queries regarding the visit of Prime Minister to Bangladesh

March 09, 2020

## ପ୍ରଧାନମନ୍ତ୍ରୀଙ୍କ ବାଙ୍ଗଲାଦେଶ ଗସ୍ତ ସମ୍ବନ୍ଧୀୟ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ମାର୍ଚ୍ଚ 09, 2020

**ପ୍ରଧାନମନ୍ତ୍ରୀଙ୍କ ବାଙ୍ଗଲାଦେଶ ଗସ୍ତ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ରବୀଶ କୁମାର କହିଛନ୍ତି ଯେ,**

"ବାଙ୍ଗଲାଦେଶ ସରକାରଙ୍କଠାରୁ ଆମେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରାପ୍ତ କରିଛୁଯେ ବାଙ୍ଗଲାଦେଶରେ କରୋନା ଭାଇରସ ମାମଲା ଚିହ୍ନଟ ହେତୁ ଏବଂ ଏହି ପରିପ୍ରେକ୍ଷୀରେ ବିଶ୍ୱ ଜନସ୍ୱାସ୍ଥ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଙ୍ଗଲାଦେଶର ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ଆୟୋଜିତ ହେବାକୁଥିବା ସର୍ବସାଧାରଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

ଯୋଜନାକ୍ରମେ ମାର୍ଚ୍ଚ 17 ରେ ହେବାକୁଥିବା ମହା ସମାବେଶ ଯେଉଁଠାକୁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା ମଧ୍ୟ ସ୍ଥଗିତ ହୋଇଛି।

ବାଙ୍ଗଲାଦେଶ ସରକାର ଆମକୁ ପରାମର୍ଶ ଦେଇଛନ୍ତି ଯେ ଏହି ସ୍ମାରକୀ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ନୂତନ ତାରିଖ ପରେ ଜଣାଇଦିଆଯିବ।

ଏହି ପରିପ୍ରେକ୍ଷୀରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀଙ୍କ ବାଙ୍ଗଲାଦେଶ ଗସ୍ତକୁ ସ୍ଥଗିତ ରଖାଯାଉଛି। ଏହି ସ୍ଥଗିତାଦେଶର ଆବଶ୍ୟକତାକୁ ବୁଝିଥିବାବେଳେ ଭାରତ ବାଙ୍ଗଲାଦେଶ ସହିତ ସହଭାଗୀ ଭାବରେ ପଡୋଶି ଦେଶମାନଙ୍କରେ ଏହି ରୋଗର ମୁକାବିଲା କରିବାକୁ ପ୍ରସ୍ତୁତ ଅଛି।"

**ନୂଆଦିଲ୍ଲୀ**

ମାର୍ଚ୍ଚ 09, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.